# Akashvani, Sambalpur

## SAMBALPURI NEWS EVENING BULLETIN

## 11 july 2026-7.02- 7.12 pm.

---

୧- ବିଦ୍ୟାଳୟ ପଢ଼ାବହିଥି ହେଇଥିବା ଭୁଲ୍‌ର ଅପରାଧିକ ତଦନ୍ତ୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ।

୨- କଂସାରୀଗୁଡ଼ା ଆଲୁମିନା ରିଫାଇନାରୀ ପ୍ରକଳ୍ପର୍ ସମ୍ପ୍ରସାରଣ୍ ଲାଗି ବିର୍ଲା ଗ୍ରୁପ୍‌ର ପ୍ରସ୍ତାବ୍: ଖର୍ଚ୍ଚା ହେବା ଅଏତ୍‌କା ୧୨ ହଜାର୍ କୋଟି ଟଙ୍କା ।

୩- ପୁରୀ ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ବାବ୍‌ଦେ ସମୀକ୍ଷା କଲେ ପୁଲିସ୍ ମହାନିର୍ଦ୍ଦେଶକ୍

ଆଉର୍

୪- ଭୁବ୍‌ନେଶ୍ୱର୍ ନ ସ୍ୱଳ୍ପ କାର୍ବନ୍ ତିଆରି ସାମାନ୍ ଆଉ ସ୍ଥାୟୀ ବିକାଶ୍ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଲାଗି ବୁଝାମଣାପତ୍ର ସ୍ୱାକ୍ଷରିତ୍ ।

ମୁଖ୍ୟମନ୍ତ୍ରୀ- ପାଠ୍ୟପୁସ୍ତକ ତ୍ରୁଟି        ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ୧ ନୁ ୮ ଶ୍ରେଣୀ ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟି ବାବଦ୍ ସବୁ ପ୍ରକ୍ରିୟାର୍ ଅପରାଧିକ ତଦନ୍ତ୍ ମୁଲ୍ କର୍ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । କ୍ରାଇମ୍ବ୍ରାଂଚ୍ ଆରକ୍ଷୀ ଅଧିକ୍ଷକଙ୍କର୍ ପାଖେ ମାମ୍ଲା ରୁଜୁ କର୍ବାର୍କେ ରାଜ୍ୟ ଶିକ୍ଷକ୍ ଶିକ୍ଷା ନିର୍ଦ୍ଦେଶାଳୟ ଆଉ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ୍- ଏସ୍.ସି.ଇ.ଆର୍.ଟି. ନିର୍ଦ୍ଦେଶକଙ୍କୁ ଶ୍ରୀ ମାଝୀ କହିଛନ୍ । ଆଘୋନୁ ପାଠ୍ୟପୁସ୍ତକ ଭୁଲ୍ ବାବ୍ଦେ ତଦନ୍ତ୍ ଲାଗି ଉନ୍ନୟନ୍ କମିଶନର୍ଙ୍କର୍ ଅଧ୍ୟକ୍ଷତାଥି ଗୁଟେ କମିଟି ଗଠନ୍ କରାଯାଇଥିଲା । କମିଟିର୍ ରିପୋର୍ଟ ଅନ୍ସାରେ ଏସ୍.ସି.ଇ.ଆର୍.ଟି.ର ଆଘର୍ ନିର୍ଦ୍ଦେଶକଙ୍କର୍ ସହେତେ ୩ ଝନ୍ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ୍ ଆଉ ୬ ଝନ୍ ସହକାରୀ ନିର୍ଦ୍ଦେଶକଙ୍କର୍ ଉପ୍ରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ବିର୍ଲା ଗ୍ରୁପ୍        ଆର୍ଏନ୍ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର୍ ମଙ୍ଗଲମ୍ ବିର୍ଲା ଆଏଜ୍ ବିର୍ଲା ଗ୍ରୁପ୍ ତର୍‌ଫୁ ରାଏଜେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଆଉ ପ୍ରସ୍ତାବିତ ପ୍ରକଳ୍ପମାନ୍‌କର୍ ଅଗ୍ରଗତି ବାବ୍‌ଦେ ଆଲୋଚନା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ରାୟଗଡ଼ା ଜିଲ୍ଲା କାଶୀପୁର୍ ତହସିଲ୍ ଅଧୀନ୍‌ଥି ଥିବା କଂସାରୀଗୁଡ଼ା ଗ୍ରୀନ୍‌ଫିଲ୍‌ଡ୍ ଆଲୁମିନା ରିଫାଇନାରୀ ପ୍ରକଳ୍ପକେ ସମ୍ପ୍ରସାରିତ କର୍‌ବାର୍ ଲାଗି ବିର୍ଲା ଗ୍ରୁପ୍ ତର୍‌ଫୁ ସର୍‌କାର୍‌ଙ୍କୁ ପ୍ରସ୍ତାବ୍ ଦିଆଯାଇଛେ । ୧ ମିଲିୟନ୍ ଟନ୍ କ୍ଷମତାର୍ ରିଫାଇନାରୀର୍ କ୍ଷମତାକେ ଆହୁରି ୨ ମିଲିୟନ୍ ଟନ୍ ବଢ଼ାବାର୍‌କେ ପ୍ରସ୍ତାବ୍ ରହିଛେ । ଇଥିର୍‌ଲାଗି ଅଏତ୍‌କା ୧୨ ହଜାର୍ କୋଟି ଟଙ୍କା ଖର୍ଚ୍ଚା କରଯିବା । କଂସାରୀଗୁଡ଼ା ରିଫାଇନାରୀର୍ କ୍ଷମତା ବଛର୍‌କ ୩ ମିଲିୟନ୍ ଟନ୍‌କେ ବଢ଼୍‌ବା । ଇ ପ୍ରକଳ୍ପ ଜରିଏ ପ୍ରତ୍ୟକ୍ଷ ଆଉ ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ମୁଖ୍ୟମନ୍ତ୍ରୀ କହିଛନ୍, ରାଏଜେ ଆଲୁମିନିୟମ୍ ସମ୍ପର୍କିତ ପ୍ରକଳ୍ପର୍ ବିସ୍ତାର୍ ଉପ୍‌ରେ ନଜର୍ ରଖାଯାଇଛେ । ଇଥିର୍‌ଲାଗି ଇକୋ ସିଷ୍ଟମ୍ ବିକଶିତ୍ କରାଯାଉଛେ । ଆଲୋଚନା ସମିଆଥି ମୁଖ୍ୟମନ୍ତ୍ରୀ ରିଫାଇନାରୀର୍ ସମ୍ପ୍ରସାରଣ୍ ଆଉ ପ୍ରକଳ୍ପ କାମ୍ ତୁରତି

କର୍‌ବାର୍ ଲାଗି ସବୁ ପ୍ରକାର୍ ସାହାଜ୍ ଯୁଗେଇ ଦେବାର୍‌କେ ପ୍ରତିଶ୍ରୁତି ଦେଇଛନ୍ । ବୈଠକ୍‌ଥି ରାଏଜେ ବିର୍ଲା ଗ୍ରୁପ୍ ତର୍‌ଫୁ ଚାଲୁଥିବା ଭିନ୍ ଭିନ୍ ପ୍ରସ୍ତାବ୍, ନିବେଶ୍ ଆଉ ପ୍ରକଳ୍ପର୍ ଭିଲ୍ ସମୀକ୍ଷା ହେଇଥିଲା ।

ପୁରୀ ରଥଯାତ୍ରା ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏବା ୧୬ ତାରିଖ୍ ଗୁରୁବାର୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବା । ଇଥିର୍‌ଲାଗି ରଥ ତିଆରି କାମ୍ ଶେଷ୍ ଖେପେ ପୁହୁଁଚିଛେ । ଆଏଜ୍ ଅନବସରର ୧୩ ନମ୍ବର୍ ଦିନେ ମାହାପୁରୁମାନ୍‌କୁ ଦଶମୂଳ ମୋଦକ ଶ୍ରୀମନ୍ଦିର୍ ଗାରଦକେ ହସ୍ତାନ୍ତର୍ କରାଯାଇଛେ । ଉତ୍‌ରୁ ଅନବରସ ଅବ୍‌ସରେ ପହେଲାଥର୍ ଲାଗି ମାହାପୁରୁମାନ୍‌କୁ ତୁଳସୀ ଲାଗି ହେବା । ଇତାର୍‌ସହେତେ ଆଏଜ୍ ଶ୍ରୀମନ୍ଦିର୍ ନ ଚନ୍ଦନ ସର୍ବାଙ୍ଗ ସମିଆଥି ଘଂଟ ବାଜ୍‌ବାର୍ ସହେତେ ବିଜେ କାହାଳି ବାଜ୍‌ବା । ଶ୍ରୀମନ୍ଦିର୍ ରଥଖଳା ନ ମହାପ୍ରଭୁଙ୍କର୍ ରଥ ତିଆରି କାମ୍ ଆଗେଇ ଚାଲିଛେ । ଆଏଜ୍ ରଥ ଉପର୍‌କେ ପବିତ୍ର କଲସ୍ ଉଠାଯାଇଛେ । ଇ ଅବ୍‌ସରେ ଭୋଇ ସେବକମାନେ ଅଷ୍ଟମ ହରିବୋଲ ଧ୍ୱନି

ଦେଇଛନ୍ । ରଥ ଉପ୍‌ରେ ଚକା ପଡ୍‌ବାର୍ ଦିନ ଭୋଇ ସେବକମାନେ ଶେଷ ହରିବୋଲ ଦେସନ୍ ।

ଆଏବା କାଏଲ୍ ମାହାପୁରୁମାନ୍‌କର୍ ରାଜପ୍ରସାଦ୍ ବିଜେ, ୧୩ ତାରିଖ୍ ଦିନ ଘଣାଲାଗି, ୧୪ ତାରିଖ୍ ମଙ୍ଗଲ୍‌ବାର୍ ମାହାପୁରୁମାନ୍‌କର୍ ନେତ୍ରୋତ୍ସବ ସହେତେ ନବଯୌବନ ବେଶ ହେବା । ୧୫ ତାରିଖ୍ ବୁଧବାର୍ ଶ୍ରୀଜୀଉମାନ୍‌କର୍ ଉଭା ଯାତ୍ରା ହେବା ବଲି ସୂଚ୍‌ନା ମିଲିଛେ ।

ରଥଯାତ୍ରା ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ପୁରୀ ରଥଯାତ୍ରାକେ ଶୃଙ୍ଖଲିତ୍ ଆଉ ସୁରକ୍ଷିତ୍ କର୍‌ବାର୍‌କେ ପୁରୀ ଟାଉନ୍‌ହଲ୍ ଠାନେ ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍‌ଥି ଭିଡ୍ ନିୟନ୍ତ୍ରଣ୍ ଆଉ ଟ୍ରାଫିକ୍ ସୁପରିଚାଲନା ସହେତେ ସୁରକ୍ଷା ବାବ୍‌ଦେ ଆଲୋଚନା କରାଯାଇଥିଲା । ସହର୍ ନ ରଥଯାତ୍ରାଲାଗି ୧୩ ହଜାର୍‌ନୁ ଅଏତ୍‌କା ସୁରକ୍ଷା କର୍ମୀ ଏକ୍ଟିଭ୍ ମୋଡ୍‌ଥି କାମ୍ କର୍‌ବେ । ଅ୯ଟି ଟେରରିଷ୍ଟ ଦଲ୍ ସହରର୍ ସବୁ ଜାଗା ନ ରହେବେ ଆଉ

ଜଲ୍, ସ୍ଥଲ୍ ଆଉ ଆକାଶ୍‌ନୁ କଡ଼ା ନଜର୍ ରଖାଯିବା । ଲକ୍ଷାଧିକ  ଶ୍ରଦ୍ଧାଲୁଙ୍କର୍ ଆସ୍‌ବାର୍‌ଟାକେ ନଜର୍‌ଥି ରଖିକରି ସହରର୍ ୮ ଟା ଜାଗା ନ ନୂଆଁ ପାର୍କିଂ ବ୍ୟବସ୍ଥା କରାଯାଇଛେ । ଶ୍ରୀମନ୍ଦିର୍‌ନୁ ଗୁଣ୍ଡିଚା ମନ୍ଦିର୍‌ତକ୍ ପେଟ୍ରୋଲିଂ ବ୍ୟବସ୍ଥା କରାଯିବା । ନୌସେନା, ତଟରକ୍ଷୀ ବାହିନୀ ଆଉ ମାରାଇନ୍ ପୁଲିସ୍ ମିଶିକରି ପେଟ୍ରୋଲିଂ କର୍‌ବେ । ଆମ୍ବୁଲାନ୍ସକେ ରାସ୍ତା କଢ଼ାବାର୍ ଲାଗି ଗ୍ରୀନ୍ କରିଡ଼ର୍ ରହେବା ବଲି ବୈଠକ୍‌ଥି ଆଲୋଚନା କରାଯାଇଥିଲା । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀଙ୍କର୍ ଦାୟିତ୍ୱ ଦେବାର୍‌କେ ନିଷ୍ପତି ନିଆଯାଇଛେ । ଶାନ୍ତି ଶୃଙ୍ଖଲାଥି ରଥଯାତ୍ରା ହେବା ବଲି ଶ୍ରୀ ଖୁରାନିଆ ଆଶ୍ କରିଛନ୍ ।

ଆଇଏନ୍‌ଏସ୍-ମହେନ୍ଦ୍ରଗିରି ଆର୍‌ଏନ୍‌ୟୁ/ କଟକ୍

ସ୍ୱଦେଶୀ ଜ୍ଞାନକୌଶଲ୍‌ଥି ତିଆରି ଆଇଏନ୍‌ଏସ୍ ମହେନ୍ଦ୍ରଗିରି ଯୁଦ୍ଧ ଜାହାଜକେ ଆଏଜ୍ ଭାରତୀୟ ନୌସେନାଥି ସାମିଲ କରାଯାଇଛେ । ବିଶାଖାପଟ୍ଟନମ୍‌ଠାନେ ଆଇ.ଏନ୍.ଏସ୍. ମହେନ୍ଦ୍ରଗିରିର କମିଶନିଂ ସମାରୋହଥି ଯୋଗ୍ ଦେଇକରି

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍, ଇଟା ଭାରତର ସାମୁଦ୍ରିକ ଶକ୍ତି ଆଉ ପ୍ରତିରକ୍ଷା ସାମର୍ଥ୍ୟ କ୍ଷେତ୍ରଥି ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଂଟା ଆଏ। ଭାରତ୍ ପାରମ୍ପରିକ ପ୍ରତିରକ୍ଷା ସାମର୍ଥ୍ୟ ଆଉ ଉନ୍ନତ ପ୍ରଯୁକ୍ତିବିଦ୍ୟାକେ ବର୍‌କସ୍ କରିକରି ଗୁଟେ ବର୍‌କସ୍, ଆତ୍ମନିର୍ଭର ଆଉ ଭବିଷ୍ୟତ ଲାଗି ବନିଥିବା ପ୍ରତିରକ୍ଷା ବଳ ତିଆରି କରିଥିବା ଶ୍ରୀ ସିଂ କହିଛନ୍। ଆଇଏନ୍‌ଏସ୍ ମହେନ୍ଦ୍ରଗିରି ଯୁଦ୍ଧ ପୋତ ତିଆରିଥି ୭୫ ପ୍ରତିଶତ୍‌ନୁ ଅଏତ୍‌କା ସାମଗ୍ରୀ ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ର ଉପଯୋଗ୍ କରାଯାଇଛେ। ଇଥି ବ୍ରହ୍ମୋସ୍ ସୁପର୍‌ସୋନିକ୍ କ୍ଷେପଣାସ୍ତ୍ର ଅତ୍ୟାଧୁନିକ୍ ରାଡ଼ାର୍ ସମନ୍ୱିତ ବାୟୁ ପ୍ରତିରୋଧୀ ବ୍ୟବସ୍ଥା ବାଗିର୍ ଉନ୍ନତମାନର୍ ଯନ୍ତ୍ରାଂଶ ବେଭାର୍ କରାଯାଇପାର୍‌ବା।

ସ୍ଥାୟୀ ବିକାଶ୍ କେନ୍ଦ୍ର ଆର୍‌ଏନ୍‌ୟୁ/ କଟକ୍

ସ୍ଥାୟୀ ସହରୀକରଣ୍ ଆଉ ଜଲ୍‌ବାୟୁ ସହନଶୀଳ ଭିତିଭୂମିକେ ପ୍ରୋତ୍ସାହିତ କର୍‌ବାର୍ ଲକ୍ଷ୍ୟ ନେଇକରି ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଗୃହ ନିର୍ମାଣ ଆଉନ ଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ସ୍ୱଚ୍ଛ

କାର୍ବନ୍ ତିଆରି ଦରବ୍ ଆଉ ସ୍ଥାୟୀ ବିକାଶ୍ ଉକର୍ଷ କେନ୍ଦ୍ର ପ୍ରତିଷ୍ଠା ଲାଗି ଗୁଟେ ତ୍ରି-ପାକ୍ଷିକ୍ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଉପସ୍ଥିତିଥି ଓଡ଼ିଶା ଅର୍ବାନ୍ ଏକାଡେମୀ, ଆଇ.ଆଁ.ଟି. ଭୁବ୍‌ନେଶ୍ୱର୍ ଆଉ ଡେଭ୍‌ଲପ୍‌ମେଂଟ୍ ଅଲଟର୍‌ନେଟିଭ୍ ଭିତ୍‌ରେ ଇ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍, ରାଏଜେ ସ୍ଥାୟୀ ସହରୀ ବିକାଶ୍‌କେ ଆଗ୍‌କେ ନେବାର୍ ଲାଗି ଇ କେନ୍ଦ୍ର ଜ୍ଞାନ ଆଉ ନବୋନ୍ମେଷର ଗୁଟେ ପ୍ରମୁଖ କେନ୍ଦ୍ର ହେବା । ସହରୀ ବିକାଶ୍ ଖାଲି ଭୌତିକ୍ ଭିତିଭୂମି ତିଆରି ଭିତ୍‌ରେ ସୀମିତ ନାଇଁ ରହିକରି ପରିବେଶ୍ ଅନୁକୂଳ ଯୋଜ୍‌ନା, ଗୁଣାତ୍ମକ ଜନକଲ୍ୟାଣ୍ ଭିତିଭୂମି ଆଉ ଦକ୍ଷ ନାଗରିକ୍ ସେବା ଜରିଏ ଲୁକ୍‌କର୍ ଜୀବନ୍‌ଶୈଲୀଥି ଉନ୍ନତି ଅନ୍‌ବାର୍ ଉଚିତ୍ ବଲି ମନ୍ତ୍ରୀ କହିଛନ୍ । ଓଡ଼ିଶାକେ ସ୍ୱଚ୍ଛ, ସବୁଜ ଆଉ ଭବିଷ୍ୟତ୍ ଲାଗି ପ୍ରସ୍ତୁତ୍ ସହର୍ ନ ପରିଣତ୍ କର୍‌ବାର୍ ସଂକଳ୍ପକେ ସାକାର୍ କର୍‌ବାର୍ ଲାଗି ଗବେଷଣା, ଦକ୍ଷତା ବିକାଶ୍ ଆଉ ସ୍ଥାୟୀ ନିର୍ମାଣ କର୍‌ବାର୍, ପ୍ରସାର୍ କର୍‌ବାର୍ ଇ ପଦକ୍ଷେପ୍‌ର ମୁଖିଆ ଉଦ୍ଦେଶ୍ ଆଏ ।

ମହାନଦୀ ଜଳ ବିବାଦ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀ ପାଏନ୍ ଝମେଲାର୍ ସମାଧାନ୍ ଲାଗି ଓଡ଼ିଶା ଆଉ ଛତିଶ୍‌ଗଡ଼୍ ସହମତ୍ ହେଇଛନ୍ ବଲି ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ କହିଛନ୍ । ଓଡ଼ିଶା ସର୍‌କାର୍‌ଙ୍କର୍ ପ୍ରସ୍ତାବ୍‌କେ ଛତିଶ୍‌ଗଡ଼୍ ସର୍‌କାର୍ ଗ୍ରହଣ୍ କରିଛନ୍ । ଇ ଆଧାର୍‌ଥି ଛତିଶ୍‌ଗଡ଼୍ ନୁ ମହାନଦୀ ଟ୍ରିବ୍ୟୁନାଲ୍ ଲିଖିତ ପ୍ରତିଶ୍ରୁତି ମାଗିଛନ୍ । ମାମ୍‌ଲାର୍ ଆଗ୍‌କେ ଶୁଣାଣି ଆଏବା ୨୩ ତାରିକ୍ ଦିନ ଧାରିଜ୍ କରାଯାଇଛେ । ଇତାର୍ ଆଘୋନୁ ଲିଖିତ ପ୍ରତିଶ୍ରୁତି ଦେବାର୍ ଲାଗି ଟ୍ରିବ୍ୟୁନାଲ୍ ଛତିଶ୍‌ଗଡ଼୍ ସର୍‌କାର୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ବଲି ଶ୍ରୀ ଆଚାର୍ଯ୍ୟ କହିଛନ୍ ।

ୟୁ.ଏଲ୍.ବି.          ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌ଖାର୍ ସବୁ ସହରାଂଚଲ୍ ସ୍ୱାୟତ ଶାସନ୍ ସଂସ୍ଥା - ୟୁ.ଏଲ୍.ବି. କେ ସ୍ୱାବଲମ୍ବୀ ଆଉ ସ୍ଥାୟୀ କର୍‌ବାର୍ ଉଦ୍ଦେଶ୍‌ଥି ରାଜସ୍ୱ ମଡ଼େଲ୍ ଉପ୍‌ରେ ଜୋର୍ ଦେଉଛନ୍ ବଲି ଗୃହ ନିର୍ମାଣ

ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ରାଜ୍ୟ ସର୍କାର୍ ଆର୍ ଗୃହ ଆଉ ସହରାଂଚଲ୍ ବିକାଶ୍ ନିଗମ୍- ହୁଡ୍‌କୋ'ର ମିଲିତ୍ ସହଯୋଗ୍‌ଥି ଆଏଜ୍ ଭୁବ୍‌ନେଶ୍ୱର୍ ନ ଦିନ୍‌କିଆ କ୍ଷମତା ବିକାଶ୍ କର୍ମଶାଳା ହେଇଯାଇଛେ । ୟୁ.ଏଲ୍.ବି. ମାନ୍‌କେ ଖାଲି ସର୍କାରୀ ଅନୁଦାନ୍ ଉପ୍‌ରେ ନିର୍ଭର୍ ନାଇଁ କରିକରି ନିଜର୍ ରାଜସ୍ୱ ସୃଷ୍ଟି କରିକରି ନିଜର୍ ଇଲାକାର୍ ଭିତିଭୂମି ସୁଦୃଢ଼ କରିପାର୍‌ବେ ବଲି ମନ୍ତ୍ରୀ କହିଛନ୍ । ୟୁ.ଏଲ୍.ବି. ଆଉ ଏନ୍.ଏ.ସି. ମାନ୍‌କେ ବୃହତ୍ ଭିତିଭୂମି ପ୍ରକଳ୍ପ ଲାଗି ଦର୍‌କାରୀ ଆର୍ଥିକ୍ ସମ୍ବଲ୍ ହାସଲ୍ କର୍‌ବାର୍‌ଥି ସକ୍ଷମ୍ କର୍‌ବାର୍ ବାବ୍‌ଦେ କର୍ମଶାଳାଥି ଆଲୋଚନା ହେଇଥିଲା । ୨୦୩୬ ମସିହା ତକ୍ ରାଜ୍ୟ ଅର୍ଥନୀତିକେ ଉଲ୍ଲେଖନୀୟ ସ୍ତର୍‌ଥି ପୁହୁଁଚାବାର୍ ଲାଗି ପୌରସଂସ୍ଥା ଅଧିକାରୀମାନେ ନିଷ୍ଠାର୍ ସହେତେ କାମ୍ କର୍‌ବାର୍ ଲାଗି ଶ୍ରୀ ମହାପାତ୍ର ଆହ୍ୱାନ୍ ଦେଇଛନ୍ । କର୍ମଶାଳାଥି ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ଯୋଗ୍ ଦେଇକରି କହିଛନ୍, କେନ୍ଦ୍ର ସର୍‌କାର୍‌ଙ୍କର୍ ଗୃହ ନିର୍ମାଣ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଏପ୍ରିଲ୍ ୧୫ ତାରିଖ୍ ଦିନ ମୁଲ୍ ହେଇଥିବା ଅର୍ବାନ୍ ଚ୍ୟାଲେଞ୍ଜ୍ ଫଣ୍ଡ

ରାଜ୍ୟର୍ ସବୁ ଭିତିଭୂମି ବିକାଶ୍ ଲାଗି ଗୁଟେ ନୂଆଁ ସୁଯୋଗ୍ ସୃଷ୍ଟି କରିଛେ ।

ପାତାଳି ଶ୍ରୀକ୍ଷେତ୍ର- ଦଶମୂଳ ମୋଦକ    ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପାତାଳି ଶ୍ରୀକ୍ଷେତ୍ର ନ ତିନ୍‌ହି ମାହାପୁରୁମାନ୍‌କର୍ ଗୁପ୍ତ ନୀତି ଚାଲିଛେ । ଆଏଜ୍ ଶ୍ରୀମନ୍ଦିର୍ ପରମ୍ପରା ରୀତିନୀତି ଅନ୍‌ସାରେ ତିନ୍‌ହି ମାହାପୁରୁଙ୍କର ଦଶମୂଳ ମୋଦକ୍ ଲାଗି କରାଯାଇଛେ । ପବିତ୍ର ରଥଯାତ୍ରା ଲାଗି ଜିଲ୍ଲା ପ୍ରଶାସନ୍ ଆଉ ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ହେଇଛେ ।

ବିଶ୍ୱ ଜନସଂଖ୍ୟା ଦିବସ    ଆର୍‌ଏନ୍‌ୟୁ / ସମ୍ବଲପୁର

'ଆଜି ଏବଂ ଭବିଷ୍ୟତ ପାଇଁ ଯୁବପୀଢ଼ିଙ୍କ ଆଶା ଏବଂ ଆକାଂକ୍ଷାକୁ ସାକାର କରିବା' ବାର୍ତା ନେଇକରି ଆଏଜ୍ ବିଶ୍ୱ ଜନସଂଖ୍ୟା ଦିବସ୍ ପାଲନ୍ କରାଯାଉଛେ । ଜନ୍ମ ହାରକେ ନିୟନ୍ତ୍ରଣ୍

କର୍‌ବାର୍ ଲାଗି ପୁରଥିର୍ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ ।

ଭୁବ୍‌ନେଶ୍ୱର୍‌ର କୃଷି ଭବନ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଉତ୍ସବ୍‌ଥି ପରିବାର୍ ନିୟୋଜନ୍ କାର୍ଯ୍ୟକ୍ରମ୍‌ଥି ଉଲ୍ଲେଖନୀୟ ଅବଦାନ୍ ଲାଗି କେନ୍ଦ୍ରାପଡ଼ା ଜିଲ୍ଲାକେ ସମ୍ବର୍ଦ୍ଧିତ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ବାଂଲାଦେଶ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ରାଏଜେ ଆଏବା ୭ ଦିନ୍ ତକ୍ ବର୍ଷା ହେଇପାରେ । ଗଲା ୨୪ ଘଂଟା ଭିତ୍‌ରେ ଖୋର୍ଦ୍ଧା ଜିଲ୍ଲାର୍ ବାଲିପାଟଣା ନ ସବୁନୁ ଜହ ୯୦ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଞ୍ଜ୍‌ର ୬ ବଜେତକ୍ ୬ ଶହ ୧୧ ଦଶ୍‌ମିକ୍ ୬/୨ ଫୁଟ୍ ରହିଥିଲା । ଇ ସମିଆଥି ୫ ଟା ଗେଟ୍ ଦେଇକରି ପିଁ ସେକେଣ୍ଡ୍‌ଥି ୧ ଲାଖ୍ ୯ ହଜାର୍ ୬ ଶହ ୭୩ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୩୩ ହଜାର୍ ୪ ଶହ ୪୩ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ । ସେଆଡ଼େ ହୀରାକୁଦ୍ ନୁ ଛଡ଼ାଯାଇଥିବା ଇ ବଛ୍‌ରର୍ ପହେଲା ବଏଢ଼୍ ପାଏନ୍ ଗଲା ରାତି କଟକ୍ ମୁଣ୍ଡୁଲି ନ ପୁହୁଁଚିଛେ ।